# UGC NET PAPER 3 JANUARY 03, 2017 SHIFT 1 ODIA QUESTION PAPER

**Note :** This paper contains **seventy five (75)** objective type questions, each question carrying **two (2)** marks. Attempt **all** the questions.

**ନିର୍ଦ୍ଦେଶ :** ଏହି ପତ୍ରରେ **ପଞ୍ଚସ୍ତରୀ** (75) ଟି **ବହୁବିକଳ୍ପୀୟ** ପ୍ରଶ୍ନ ରହିଛି । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ **ଦୁଇ** (2) । **ସମସ୍ତ** ପ୍ରଶ୍ନର ଉତ୍ତର ଦିଅ ।

**1.** 'କାମନାଘଟ' କେଉଁ ଲୌକିକ ପ୍ରଦର୍ଶନୀୟ କଳାସହିତ ସଂପୃକ୍ତ ?

(1) ଠାକୁରାଣୀ ଯାତ୍ରା (2) ଗୟା ପାଲା

(3) ଦଣ୍ଡ (4) ପାଟୁଆ

**2.** 'ଦୋବେହୀ ବରକୁ ଲୋଭେଇ ଗଲ' – କାନ୍ଦଣା ଗୀତର ଏହି ପାଦରେ ଥିବା 'ଦୋବେହୀ' ଶବ୍ଦର ଅର୍ଥ କ'ଣ ?

(1) ଶ୍ୱେତବସ୍ତ୍ରଧାରୀ (2) ବ୍ରାହ୍ମଣ

(3) ଦ୍ୱିତୀୟଥର ବାହା ହେଉଥିବା (4) ଦୁଇଭାଇ ଥିବା

**3.** 'କ୍ରିୟାଯୁକ୍ତ ରୂଢ଼ି' କାହାକୁ କହନ୍ତି ?

(1) କୌଣସି କର୍ମଭିତ୍ତିକ ରୂଢ଼ି (2) କ୍ରିୟାପଦଯୁକ୍ତ ରୂଢ଼ି

(3) କର୍ମକୁ ବ୍ୟଞ୍ଜିତ କରୁଥିବା ରୂଢ଼ି (4) କ୍ରିୟାହୀନ ରୂଢ଼ି

**4.** ଲକ୍ଷ୍ମୀନାରାୟଣ ସାହୁଙ୍କ 'ଗାନ୍ଧର୍ବିକା ଶତଦଳ' ଏକ –

(1) ବିବିଧ ଆଦିବାସୀ ସଂପ୍ରଦାୟର ଲୋକଗୀତର ସଂଗ୍ରହ

(2) କନ୍ଧସମାଜର ରୀତିନୀତି ମୂଳକ ପୁସ୍ତକ

(3) ହରିଜନ ସଂପ୍ରଦାୟର ଲୋକବାଣୀର ସଂଗ୍ରହ

(4) ଏକ ମୌଳିକ ନାଟକ ଯେଉଁଥିରେ ଲୋକଗୀତମାନ ପ୍ରଯୁକ୍ତ

**5.** 'କଟାଘାରେ ଚୂନ ଦେବା' ରୂଢ଼ିର ପ୍ରକୃତ ଅର୍ଥ କ'ଣ ?

(1) କ୍ରୋଧ ପ୍ରକାଶ କରିବା (2) ବିପଦ ଉପରେ ବିପଦ

(3) ସୁଯୋଗକୁ ଅପେକ୍ଷା କରିବା (4) ଶଠତା ଆଚରଣ କରିବା

**6.** ହେରି ସେ ମେରି ତଇଲା ବାଡ଼ୀ ଖସମେ ସମତୁଲା ।
ସୁକଡ଼ ଏ ସେ ରେ କପାସୁ ଫୁଟିଲା ॥
ଉଦ୍ଧୃତ ପଦଟି କେଉଁ ଚର୍ଯ୍ୟାକବିଙ୍କ ରଚନା ?

(1) ଡୋମ୍ବିପା (2) ଶବରୀପା

(3) ଲୁଇପା (4) କାହ୍ନୁପା

7. ରୁଦ୍ରସୁଧାନିଧିରେ କଥାର ବିଭିନ୍ନ ଭାଗକୁ ସୂଚିତ କରୁଥିବା ଶବ୍ଦ କ'ଣ ?

(1) ଉଲ୍ଲାସ (2) ପଟଳ

(3) ଅଂଶ (4) ଉଚ୍ଛ୍ୱାସ

8. ବିଭାବସୁ ଅଂଶୁ ଜାତ ଆମ୍ଭର
ବିଧିରେ ତ ତୁମ୍ଭେ ତାଙ୍କ କୁମର । – ଏହି ପଦରେ ଥିବା
'ବିଭାବସୁ' ଶବ୍ଦର ଅର୍ଥ କ'ଣ ?

(1) ହରି (2) ଚନ୍ଦ୍ର

(3) ସୂର୍ଯ୍ୟ (4) ଯଦୁ

9. 'ଢ଼କଡ଼ା ପୋଥି ଓ ଢ଼କଡ଼ା ବସାଣ ବା ଚୟିନୀ ଚକଡ଼ା'ର ସଂପାଦନା କିଏ କରିଛନ୍ତି ?

(1) ଆର୍ତ୍ତବଲ୍ଲଭ ମହାନ୍ତି (2) ଶ୍ୟାମସୁନ୍ଦର ରାଜଗୁରୁ

(3) ଗୋପୀନାଥ ନନ୍ଦଶର୍ମା (4) ସୁଧାକର ପଟ୍ଟନାୟକ

10. ଚୈତନ୍ୟ ଦାସଙ୍କ 'ନିର୍ଗୁଣ ମହାତ୍ମ୍ୟ' ରେ କେଉଁ ପ୍ରସଙ୍ଗର ବ୍ୟାଖ୍ୟା କରାଯାଇଛି ?

(1) ନିର୍ଗୁଣ ବ୍ରହ୍ମ ପ୍ରସଙ୍ଗ (2) ଜଗନ୍ନାଥ ପ୍ରସଙ୍ଗ

(3) ଶରୀର ପ୍ରସଙ୍ଗ (4) ମହିମାଧର୍ମ ପ୍ରସଙ୍ଗ

11. ରସକଲ୍ଲୋଳର କେଉଁ ଛାନ୍ଦରେ ବର୍ଷା ଋତୁର ବର୍ଣ୍ଣନା ରହିଛି ?

(1) ପଞ୍ଚମ ଛାନ୍ଦ (2) ଅଷ୍ଟମ ଛାନ୍ଦ

(3) ଷୋଡ଼ଶ ଛାନ୍ଦ (4) ବତ୍ରିଶ ଛାନ୍ଦ

12. ଯଥାଜାତ ବୁଦ୍ଧି ଶୁନିପୁଛୁ ପ୍ରାୟେ ଘେନ
ଯଥୋଚିତ ନୋହେ ତାଙ୍କ ନିନ୍ଦନ ବନ୍ଦନ ହେ । – ଏ ପଦର 'ଯଥାଜାତ' ଶବ୍ଦର ଅର୍ଥ କ'ଣ ?

(1) ବାକ୍‌ପଟୁ (2) ସଦ୍‌ବଂଶଜ

(3) ମୂର୍ଖ (4) ଜାତିସ୍ମର

13. 'ଜଗତେ କେବଳ' କବିତାଟି କାହାର ରଚନା ?

(1) କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା (2) କବିସୂର୍ଯ୍ୟ ବଳଦେବ ରଥ

(3) କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ (4) କବିଡିଣ୍ଡିମ ଜୀବଦେବାଚାର୍ଯ୍ୟ

14. 'ନୀଳାଦ୍ରି ମହୋତ୍ସବ' କାବ୍ୟରେ କେଉଁ ପ୍ରସଙ୍ଗ ବର୍ଣ୍ଣିତ ?

(1) ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା (2) ନେତ୍ରୋତ୍ସବ

(3) ଦ୍ୱାଦଶ ଯାତ୍ରା (4) ନୀଳାଦ୍ରି ବିଜୟ

15. 'ହେତୁଉଦୟ ଭାଗବତ' ର ରଚୟିତା କିଏ ?

(1) ଯଶୋବନ୍ତ ଦାସ (2) ଅନନ୍ତ ଦାସ

(3) ବିଷ୍ଣୁ ଦାସ (4) ଦେବଦୁର୍ଲଭ ଦାସ

16. କୋଇଲି, କାନ୍ତମୋର ଗଲେ ମୃଗମାରି
କପଟେ ରାବଣ ମୋତେ ନେଉଅଛି ଧରିଲୋ, କୋଇଲି ! –
ଉଦ୍ଧୃତ ପଦଟି କାହାର ରଚନା ?
(1) ଜଗନ୍ନାଥ କୋଇଲି (2) ଶଙ୍କର
(3) ମାର୍କଣ୍ଡ ଦାସ (4) ବଳରାମ ଦାସ

17. ଏସ୍ପେରାଣ୍ଟୋ (Esperanto) ପରି ଏକ କୃତ୍ରିମ ଭାଷାର ଆଦ୍ୟସ୍ରଷ୍ଟା କିଏ ?
(1) ଚମ୍ସ୍କି (2) ଜାକୋବ ଗ୍ରିମ୍
(3) ଅଗଷ୍ଟ ସ୍ଲାଇଖର (4) ଏଲ୍.ଏଲ୍. ଜମେନ୍ହଫ୍

18. ମାସମାନଙ୍କରେ 'କାର୍ତ୍ତିକ' ଶ୍ରେଷ୍ଠ । – ଏ ବାକ୍ୟରେ ପ୍ରଯୁକ୍ତ 'କାର୍ତ୍ତିକ' କେଉଁ ବିଭକ୍ତି ?
(1) ପଞ୍ଚମୀ (2) ତୃତୀୟା (3) ଚତୁର୍ଥୀ (4) ସପ୍ତମୀ

19. 'କୋବି' କି ପ୍ରକାର ଶବ୍ଦ ?
(1) ଦ୍ରାବିଡ଼ (2) ଅଷ୍ଟ୍ରିକ (3) ପର୍ତ୍ତୁଗୀଜ (4) ଦେଶଜ

20. କେଉଁଟି ତଦ୍ଧିତ ଶବ୍ଦ ?
(1) ମାସିକ (2) ଗଢ଼ା
(3) ବିକା (4) ଡାକୁଣି

21. 'ସପ୍ତାହ' ଶବ୍ଦଟି କେଉଁ ସମାସ ?
(1) କର୍ମଧାରୟ (2) ଦ୍ୱିଗୁ
(3) ଅବ୍ୟୟୀଭାବ (4) ଦ୍ୱନ୍ଦ୍ୱ

22. ନିମ୍ନ ପଦରୁ 'ଅଳଙ୍କାର' ନିର୍ଣ୍ଣୟ କର ।
ଅର୍ଦ୍ଧେନ୍ଦୁ ଲଲାଟେ ସିନ୍ଦୂର ବିନ୍ଦୁ ରମଇ ଆଖି ।
ନୁହଇ ସିନ୍ଦୂର ରହିଛି ସ୍ମର ହୃଦୟ ଲାଖି ॥
(1) ଅପହ୍ନୁତି (2) ବିଭାବନା
(3) ଛଳୋକ୍ତି (4) ବିଶେଷୋକ୍ତି

23. ସମକାଳର କବିମାନେ କେଉଁଛନ୍ଦକୁ ସର୍ବାଧିକ ପ୍ରୟୋଗ କରିଥାନ୍ତି ?
(1) ପଦ୍ୟଛନ୍ଦ (2) ମୁକ୍ତଛନ୍ଦ ଓ ଗଦ୍ୟଛନ୍ଦ
(3) ମାତ୍ରାବୃତ୍ତ ଛନ୍ଦ (4) ମିତ୍ରାକ୍ଷର ଛନ୍ଦ

24. କଣ'ଥିଲେ ବାକ୍ୟ ଅନ୍ୱୟାନୁକୂଳ ହୁଏ ?
(1) ଅବିଧା ଶକ୍ତି, ଲକ୍ଷଣା ଶକ୍ତି, ବ୍ୟଞ୍ଜନା ଶକ୍ତି
(2) କର୍ତ୍ତା, କର୍ମ, କ୍ରିୟା
(3) ଯୋଗ୍ୟତା, ଆକାଂକ୍ଷା, ଆସତ୍ତି
(4) ସମାସ, 'ତା'ତ୍ୱବିଧି, 'ଷ'ତ୍ୱବିଧି

Prepp
Your Personal Exams Guide

**25.** ଯେଉଁ କାବ୍ୟରେ ବ୍ୟଙ୍ଗ୍ୟାର୍ଥ ବାଚ୍ୟାର୍ଥର ଚମତ୍କାରିତାକୁ ବୃଦ୍ଧି କରିଥାଏ, ତାହାକୁ କେଉଁଶ୍ରେଣୀରେ କାବ୍ୟର ଅନ୍ତର୍ଭୁକ୍ତ କରାଯାଇଛି ?

(1) ଉତ୍ତମ କାବ୍ୟ (2) ଗୁଣୀଭୂତ ବ୍ୟଙ୍ଗ୍ୟ କାବ୍ୟ

(3) ମଧ୍ୟମ କାବ୍ୟ (4) ଖଣ୍ଡ କାବ୍ୟ

**26.** ବୈକୁଣ୍ଠନାଥ ପଟ୍ଟନାୟକଙ୍କ 'ମୃତ୍ତିକା ଦର୍ଶନ' ର କବିତା ଗୁଡ଼ିକ କେଉଁ ଶୈଳୀରେ ଲିଖିତ ?

(1) ଚଉପଦୀ (2) ଗାଥା

(3) ସମ୍ବୋଧ ଗୀତ (4) ଚତୁର୍ଦ୍ଦଶପାଦୀ

**27.** 'ସ୍ୱଗତ' କବୀତା ସଂକଳନରେ କେଉଁ ନୂତନ'ବାଦ' (ism)ର ସଫଳ ପ୍ରୟୋଗ କରାଯାଇଛି ?

(1) ସ୍ୱଭାବ ବାଦ (2) ଅତିବାସ୍ତବ ବାଦ

(3) ରହସ୍ୟ ବାଦ (4) ସଂରଚନା ବାଦ

**28.** "ପଣ୍ଡିତ ନୀଳକଣ୍ଠ ନିଶ୍ଚିନ୍ତ ରହନ୍ତୁ ଯେ, ରାଜନୈତିକ ନୀଳକଣ୍ଠ କାଆଳି ଧୂଳିରେ ମିଶି ବିସ୍ମୃତ ହୋଇଯିବେ, କିନ୍ତୁ 'କୋଣାର୍କ'ର ଲେଖକ ନୀଳକଣ୍ଠଙ୍କର ମୃତ୍ୟୁ ନାଇଁ ।" – ଏହା ନୀଳକଣ୍ଠଙ୍କ ସଂପର୍କରେ କେଉଁ ଆଲୋଚକଙ୍କର ମନ୍ତବ୍ୟ ଅଟେ ?

(1) ନଟବର ସାମନ୍ତରାୟ (2) ଦାଶରଥି ଦାସ

(3) ମାୟାଧର ମାନସିଂହ (4) ପଠାଣି ପଟ୍ଟନାୟକ

**29.** କେଉଁଟି ଜଗନ୍ନାଥ ପ୍ରସାଦ ଦାସଙ୍କ ନାଟକ ନୁହେଁ ?

(1) ସୂର୍ଯ୍ୟାସ୍ତ ପୂର୍ବରୁ (2) ସବାଶେଷ ଲୋକ

(3) ତ୍ରୁଣ ମୂର୍ତ୍ତି (4) ଅସଙ୍ଗତ ନାଟକ

**30.** ମୌଖିକ ପରମ୍ପରାର 'ଫୁଲଠାର' ଆଧୁନିକ କେଉଁ ଓଡ଼ିଆ ନାଟକରେ ପ୍ରଯୁକ୍ତ ?

(1) ଚଇତି ଘୋଡ଼ା (2) ନନ୍ଦିକା କେଶରୀ

(3) ଏଥୁଅନ୍ତେ (4) ଧୃତରାଷ୍ଟ୍ରର ଆଖି

**31.** "ତୁମ୍ଭ ମାଟି ଦେହ ଗ୍ରାସିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ" –
ପଦଟି କାହା ଉଦ୍ଦେଶ୍ୟରେ କୁହାଯାଇଛି ?

(1) କବିସୂର୍ଯ୍ୟ ବଳଦେବ ରଥ (2) ପଣ୍ଡିତ ମୃତ୍ୟୁଞ୍ଜୟ ରଥ

(3) ଯଦୁମଣି ମହାପାତ୍ର (4) ଜଗବନ୍ଧୁ ସିଂହ

**32.** 'ସମୁଦ୍ର ମନ୍ଥନ' ଏକାଙ୍କିକାର ରଚୟିତା କିଏ ?

(1) ବିଜୟ ମିଶ୍ର (2) ପ୍ରାଣବନ୍ଧୁ କର

(3) ବିଶ୍ୱଜିତ୍ ଦାସ (4) ଗୋପାଳ ଛୋଟରାୟ

Prepp
Your Personal Exams Guide

**33.** 'ମଲା ଜୀଇଁଲା ମଝିରେ ବେଜୁଣୀ ବୁଢ଼ୀ ଗୋଟିଏ ସିଢ଼ି ।' –
ଏ ଉକ୍ତି କେଉଁ ଉପନ୍ୟାସରୁ ଆନୀତ ?

(1) ଅମୃତର ସନ୍ତାନ (2) ପରଜା
(3) ଅପହଞ୍ଚ (4) ଶିବଭାଇ

**34.** 'ଆତ୍ମନେପଦୀ' ଗ୍ରନ୍ଥଟି କାହାର ରଚନା ?

(1) ପଦ୍ମଚରଣ ପଟ୍ଟନାୟକ (2) ସଚ୍ଚିଦାନନ୍ଦ ରାଉତରାୟ
(3) ସୌଭାଗ୍ୟ କୁମାର ମିଶ୍ର (4) ଭାନୁଜୀ ରାଓ

**35.** ଶବ୍ଦର ଅର୍ଥ ପରିବର୍ତ୍ତନ ସହିତ କେଉଁ ଗୁଡ଼ିକ ଜଡ଼ିତ ?

I. ଅର୍ଥ ବିସ୍ତାର II. ଅର୍ଥ ଆବିଷ୍କାର
III. ଅର୍ଥ ସଂକୋଚନ IV. ଅର୍ଥ ହୀନତା

ସୂତ୍ର (Code) :

(1) III ଓ IV ଠିକ୍ (2) II ଓ III ଠିକ୍
(3) I ଓ IV ଠିକ୍ (4) I ଓ III ଠିକ୍

**36.** 'ମାଦଳାପାଞ୍ଜି' ସହିତ କେଉଁ ଗୁଡ଼ିକ ଜଡ଼ିତ ?

I. ଦେଶଖଞ୍ଜା II. କର୍ମାଙ୍ଗୀ
III. ଶୁଭାଙ୍ଗୀ IV. ରାଜଖଞ୍ଜା

ସୂତ୍ର (Code) :

(1) I, II ଓ III ଠିକ୍ (2) II, III ଓ IV ଠିକ୍
(3) I ଓ III ଠିକ୍ (4) I, II ଓ IV ଠିକ୍

**37.** ନିମ୍ନ କେଉଁ ଗୁଡ଼ିକୁ ପ୍ରଜନାଥ ବଡ଼ଜେନାଙ୍କ ସହିତ ସଂପୃକ୍ତ କରାଯାଇ ପାରିବ ?

I. ଗାଥା ଗାୟନ II. ମୋହନାଙ୍ଗ ଓ ଚଞ୍ଚଳାକ୍ଷୀ
III. କାମାନନ୍ଦ ଓ ଅବିଦ୍ୟା ମୃତସଞ୍ଜିବନୀ IV. ରାତ୍ରୀର ବିଭିନ୍ନ ପ୍ରହର

ସୂତ୍ର (Code) :

(1) I, II ଓ III ଠିକ୍ (2) II ଓ IV ଠିକ୍
(3) II, III ଓ IV ଠିକ୍ (4) I ଓ III ଠିକ୍

**38.** 'ବେଢ଼ା ପରିକ୍ରମା' ଗ୍ରନ୍ଥ ସହିତ କେଉଁଗୁଡ଼ିକ ସଂପୃକ୍ତ ?

I. ବଳରାମ ଦାସ II. ଦେବଦେବୀଙ୍କ ବିବରଣୀ
III. ଶରୀର ଭେଦତତ୍ତ୍ୱ IV. ଜଗନ୍ନାଥ ଦାସ

ସୂତ୍ର (Code) :

(1) I ଓ III ଠିକ୍ (2) II ଓ IV ଠିକ୍
(3) III ଓ IV ଠିକ୍ (4) I ଓ II ଠିକ୍

Prepp Your Personal Exam Guide

**39.** ନିମ୍ନ କେଉଁ ଗୁଡ଼ିକ ନୀଳାମ୍ବର ବିଦ୍ୟାଧରଙ୍କ ସହିତ ଜଡ଼ିତ ?

I. ହାଟର ଟିକିନିଖି ବର୍ଣ୍ଣନା  II. ପଦ୍ୟ ରଚନା

III. ଅଷ୍ଟାଦଶ ଶତାବ୍ଦୀର ଭାଷା  IV. ବୀରରସ

ସୂତ୍ର (Code) :

(1) I ଓ III ଠିକ୍  (2) II ଓ IV ଠିକ୍

(3) I, II ଓ III ଠିକ୍  (4) II, III ଓ IV ଠିକ୍

**40.** 'ମୋଗଲ ତାମସା' ପ୍ରସଙ୍ଗରେ କେଉଁ କଥାଗୁଡ଼ିକ ଠିକ୍ ?

I. ବଂଶୀବଲ୍ଲଭ ଗୋସ୍ୱାମୀ  II. ଶାକ୍ତ ମନ୍ଦିର

III. ଜଗନ୍ନାଥ ପାଣି  IV. ମିର୍ଜା ସାହେବ

ସୂତ୍ର (Code) :

(1) I ଓ II ଠିକ୍  (2) I, II ଓ III ଠିକ୍

(3) I ଓ IV ଠିକ୍  (4) II ଓ III ଠିକ୍

**41.** ନୀଳଚକ୍ରେ ହୋ ଦେଖ ଉଡୁଛି ବାନା

ପତିତପାବନ ନାମଟି ଯା ନା । – ଏହି ପଦଟିରେ ନିମ୍ନ କେଉଁ ଗୁଡ଼ିକୁ ସଂପୃକ୍ତ କରାଯାଇପାରେ ?

I. ସାଲବେଗ  II. ଶ୍ରୀଜଗନ୍ନାଥ

III. ଅଷ୍ଟଦଳ ପଦ୍ମ  IV. ଦ୍ୱିଜ ଗୌରହରି

ସୂତ୍ର (Code) :

(1) I ଓ II ଠିକ୍  (2) II ଓ III ଠିକ୍

(3) III ଓ IV ଠିକ୍  (4) II ଓ IV ଠିକ୍

**42.** 'ଗଞ୍ଜାମ ଭ୍ରମଣ' ଗ୍ରନ୍ଥ ସହିତ କେଉଁ ଗୁଡ଼ିକୁ ସଂପୃକ୍ତ କରାଯିବ ?

I. ଶଶିଭୂଷଣ ରାୟ  II. କାବ୍ୟ

III. ଚିନ୍ତାମଣି ମହାନ୍ତି  IV. ଗଦ୍ୟରେ ଲିଖିତ ଭ୍ରମଣ କାହାଣୀ

ସୂତ୍ର (Code) :

(1) I ଓ II ଠିକ୍  (2) III ଓ IV ଠିକ୍

(3) I ଓ III ଠିକ୍  (4) II ଓ III ଠିକ୍

**43.** ମାଦଳା ପାଞ୍ଜିରେ କେଉଁ ଦୁଇଜଣ ରାଜାଙ୍କ ସଂପର୍କୀୟ ବିବରଣୀରେ ବଉଧ ବ୍ରାହ୍ମଣ ପରୀକ୍ଷା ପ୍ରସଙ୍ଗ ରହିଛି ?

I. ପ୍ରତାପରୁଦ୍ର ଦେବ  II. ଅନଙ୍ଗ ଭୀମ ଦେବ

III. ମଦନ ମହାଦେବ  IV. ଗଙ୍ଗେଶ୍ୱର ଦେବ

ସୂତ୍ର (Code) :

(1) I ଓ III ଠିକ୍  (2) II ଓ III ଠିକ୍

(3) III ଓ IV ଠିକ୍  (4) I ଓ IV ଠିକ୍

Prepp
Your Personal Exams Guide

**44.** ନିମ୍ନ ଶିଳାଲେଖଗୁଡ଼ିକର ଉପଯୁକ୍ତ କ୍ରମ ନିର୍ଦ୍ଧାରଣ କର ।

I. ଉରଜାମ ଶିଳାଲେଖ
II. ଭୁବନେଶ୍ୱର ଶିଳାଲେଖ
III. ଖାରବେଳଙ୍କ ଶିଳାଲେଖ
IV. ଗଣ୍ଡିବେଢ଼ ଶିଳାଲେଖ

ସୂତ୍ର (Code) :

(1) II, I, III, IV
(2) III, IV, I, II
(3) II, IV, III, I
(4) I, IV, II, III

**45.** ନିମ୍ନ ଲେଖିକାମାନଙ୍କର ଜନ୍ମକାଳ ଅନୁଯାୟୀ ଉପଯୁକ୍ତ କ୍ରମ ନିର୍ଦ୍ଧାରଣ କର ।

I. ବୃନ୍ଦାବତୀ ଦାସୀ
II. ମାଧବୀ ଦାସୀ
III. ଜୀରାଦେଈ
IV. ସୁଲକ୍ଷଣା ପଟ୍ଟନାୟକ

ସୂତ୍ର (Code) :

(1) III, II, I, IV
(2) I, IV, II, III
(3) II, I, III, IV
(4) I, II, III, IV

**46.** କୁଞ୍ଜବିହାରୀ ଦାଶଙ୍କର ପୁସ୍ତକଗୁଡ଼ିକର ପ୍ରକାଶନ ଭିତ୍ତିକ ଉପଯୁକ୍ତ କ୍ରମ ନିର୍ଦ୍ଧାରଣ କର ।

I. ଆଫ୍ରିକା
II. ଦୁଇ ଦିଗନ୍ତର ଆକାଶ
III. ମୋ ସ୍ୱପ୍ନର କାଶ୍ମୀର
IV. ଲଙ୍କାଯାତ୍ରୀ

ସୂତ୍ର (Code) :

(1) I, IV, III, II
(2) III, II, I, IV
(3) III, I, IV, II
(4) IV, III, I, II

**47.** ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କର ନିମ୍ନ ଉପନ୍ୟାସଗୁଡ଼ିକର ପ୍ରକାଶନ ଭିତ୍ତିକ ଉପଯୁକ୍ତ କର୍ମ ନିର୍ଦ୍ଧାରଣ କର ।

I. ଶକୁନ୍ତଳା
II. ଦକ୍ଷିଣାବର୍ତ୍ତ
III. ଯାତ୍ରାର ପ୍ରଥମ ପାଦ
IV. ତିନୋଟି ରାତିର ସକାଳ

ସୂତ୍ର (Code) :

(1) IV, II, III, I
(2) II, III, I, IV
(3) III, I, II, IV
(4) II, I, III, IV

**48.** ନିମ୍ନ ଲେଖିକାମାନଙ୍କୁ ସେମାନଙ୍କ କାଳ ଅନୁଯାୟୀ ସଜାଇ ଲେଖ ।

I. ବୃନ୍ଦାବତୀ ଦାସୀ
II. ମାଧବୀ ଦାସୀ
III. ଜୀରା ଦେଈ
IV. ସୁଲକ୍ଷଣା ପଟ୍ଟନାୟକ

ସୂତ୍ର (Code) :

(1) II, III, IV, I
(2) III, II, I, IV
(3) I, III, II, IV
(4) IV, I, III, II

**49.** ନିମ୍ନ ପ୍ରେସ୍‌ଗୁଡ଼ିକୁ ପ୍ରତିଷ୍ଠାକାଳ ଭିତ୍ତିରେ ସଜାଇଦିଅ ।

I. ଉତ୍କଳ ପ୍ରିଣ୍ଟିଂ କୋ
II. ଓଡ଼ିଶା ମିଶନ ପ୍ରେସ
III. ଦେ ପ୍ରେସ
IV. କଟକ ପ୍ରିଣ୍ଟିଂ ପ୍ରେସ

ସୂତ୍ର (Code) :

(1) II, IV, I, III
(2) I, IV, II, III
(3) II, I, IV, III
(4) I, II, IV, III

Prepp
Your Personal Exams Guide

**50.** ନିମ୍ନ ଗ୍ରନ୍ଥଗୁଡ଼ିକୁ ପ୍ରକାଶନ କାଳ କ୍ରମରେ ସଜାଇଦିଅ ।

I. କଳାଶକ୍ତି
II. ଗୀତା ମାହାତ୍ମ୍ୟ
III. ଜୀବନ ଚିନ୍ତା
IV. ଜୀବନ ବିଦ୍ୟାଳୟ

ସୂତ୍ର (Code) :

(1) I, IV, III, II
(2) II, III, IV, I
(3) III, IV, II, I
(4) IV, I, III, II

**51.** ଜନ୍ମକାଳ ଅନୁଯାୟୀ ନିମ୍ନ ଲେଖକମାନଙ୍କର ଉପଯୁକ୍ତ କ୍ରମ ନିରୂପଣ କର ।

I. ଗଙ୍ଗାଧର ମେହେର
II. ଚିନ୍ତାମଣି ମହାନ୍ତି
III. ମଧୁସୂଦନ ରାଓ
IV. ନନ୍ଦକିଶୋର ବଳ

ସୂତ୍ର (Code) :

(1) III, I, II, IV
(2) I, III, IV, II
(3) IV, I, II, III
(4) III, I, IV, II

**52.** ନିମ୍ନ ସଂପାଦିକାମାନଙ୍କର କ୍ରମ ସେମାନଙ୍କ ପତ୍ରିକା ପ୍ରକାଶନକାଳ ଭିତ୍ତିରେ ନିର୍ଦ୍ଧାରଣ କର ।

I. ଶକୁନ୍ତଳା ପଣ୍ଡା
II. ଡଃ ରାଧାଦେବୀ
III. ରେବାରାୟ୍
IV. ପ୍ରତିଭା ଶତପଥୀ

ସୂତ୍ର (Code) :

(1) III, II, I, IV
(2) I, III, II, IV
(3) IV, III, I, II
(4) II, I, III, IV

**53.** ଓଡ଼ିଶାର ପାରମ୍ପରିକ ମାସଗଣନା ଅନୁସାରେ ଅନୁଷ୍ଠିତ ନିମ୍ନ ପୂଜା ଗୁଡ଼ିକର ଉପଯୁକ୍ତ କ୍ରମ ନିର୍ଦ୍ଦେଶ କର ।

I. କାର୍ତ୍ତିକ ପୂଜା
II. ମଙ୍ଗଳା ପୂଜା (ଖୁଦୁରୁକୁଣୀ ଓଷା)
III. ଦୁର୍ଗା ପୂଜା
IV. ସରସ୍ୱତୀ ପୂଜା

ସୂତ୍ର (Code) :

(1) II, III, I, IV
(2) I, IV, III, II
(3) II, IV, I, III
(4) III, I, IV, II

**54.** ପ୍ରକାଶକାଳ ଅନୁଯାୟୀ ନିମ୍ନ ପତ୍ରିକାଗୁଡ଼ିକର ଠିକ୍ କ୍ରମ ନିର୍ଦ୍ଦେଶ କର ।

I. ସହକାର
II. ସୁଚରିତା
III. ଯୁଗନାରୀ
IV. ଆଶା

ସୂତ୍ର (Code) :

(1) I, II, III, IV
(2) IV, I, III, II
(3) III, IV, II, I
(4) II, III, IV, I

55. ସ୍ଥାପନା (Assertion) :

ଯେ କୌଣସି ରାଷ୍ଟ୍ରୀୟ ଶିକ୍ଷା ବ୍ୟବସ୍ଥାର ମୂଳତତ୍ତ୍ୱ ହେଲା ଜାତୀୟତା । ପ୍ରତ୍ୟେକ ଜାତିର ନିଜସ୍ୱ ଚରିତ୍ର ଓ ସଂସ୍କୃତି ଅଛି ଏବଂ ଅଛି ପୁଣି ନିଜସ୍ୱ ସମସ୍ୟା । ତେଣୁ ପ୍ରତି ରାଷ୍ଟ୍ରର ଶିକ୍ଷା ବ୍ୟବସ୍ଥା ସଂପୃକ୍ତ ଜାତିର ଚରିତ୍ର, ସଂସ୍କୃତି ଓ ସମସ୍ୟା ଉପରେ ଅଖି ରଖିହିଁ ଗଢ଼ା ହୋଇଥିବାର ଆମେ ଦେଖିବା ।

ଯୁକ୍ତି (Reason) :

ଯେଉଁଠି ଜାତୀୟ ସଂସ୍କୃତିକୁ ଭିତ୍ତିକରି ଶିକ୍ଷାବ୍ୟବସ୍ଥା ନିର୍ଦ୍ଧାରିତ ହୋଇନଥାଏ ସେଠି ରାଷ୍ଟ୍ରର ଶିକ୍ଷା-ଭିତ୍ତି ଦୁର୍ବଳ ହୋଇପଡ଼ିଥାଏ ।

(1) (A) ଠିକ୍ ଓ (R) ଭୁଲ
(2) (A) ଭୁଲ ଓ (R) ଠିକ୍
(3) (A) ଓ (R) ଉଭୟ ଠିକ୍
(4) (A) ଓ (R) ଉଭୟ ଭୁଲ

56. ସ୍ଥାପନା (Assertion) :

ଭାଷା ପରିବର୍ତ୍ତନଶୀଳ । ଭାଷାରେ ଅନବରତ ସ୍ୱାଭାବିକ ଭାବରେ ପରିବର୍ତ୍ତନ ହେଉଥାଏ ।

ଯୁକ୍ତି (Reason) :

ଏହି ପରିବର୍ତ୍ତନ ଭାଷାର ପ୍ରାଣଶକ୍ତି । ପରିବର୍ତ୍ତନ ବ୍ୟତୀତ ଭାଷା ଲୁପ୍ତହୋଇ ଯିବାର ସମ୍ଭାବନା ରହିଥାଏ ।

(1) (A) ଓ (R) ଉଭୟ ଠିକ୍
(2) (A) ଭୁଲ ଓ (R) ଠିକ୍
(3) (A) ଠିକ୍ ଓ (R) ଭୁଲ
(4) (A) ଓ (R) ଉଭୟ ଭୁଲ

57. ସ୍ଥାପନା (Assertion) :

ପତ୍ର ସାହିତ୍ୟର ସୃଷ୍ଟି ଓଡ଼ିଆ ଭାଷାରେ ଖୁବ୍ ସୀମିତ ।

ଯୁକ୍ତି (Reason) :

ଇ-ମେଲର ଲୋକପ୍ରୀୟତାହିଁ ଏହାର କାରଣ ।

(1) (A) ଓ (R) ଉଭୟ ଭୁଲ
(2) (A) ଠିକ୍ ଓ (R) ଭୁଲ
(3) (A) ଓ (R) ଉଭୟ ଠିକ୍
(4) (A) ଭୁଲ ଓ (R) ଠିକ୍

58. ସ୍ଥାପନା (Assertion) :

ଅସ୍ଥାୟୀ ସାଂସାରିକ ବିଷୟ ଅପେକ୍ଷା ସାହିତ୍ୟ ଉଚ୍ଚତର ଆନନ୍ଦ ପ୍ରଦାନକରେ ଏବଂ ବୁଦ୍ଧିବୃତ୍ତିର ବିକାଶ ସାଧନକରେ ।

ଯୁକ୍ତି (Reason) :

ସାହିତ୍ୟରେ ତେଣୁ ସାଂସାରିକ ବିଷୟ କ୍ୱଚିତ୍ ରହେ ।

(1) (A) ଭୁଲ ଓ (R) ଠିକ୍
(2) (A) ଓ (R) ଉଭୟ ଭୁଲ
(3) (A) ଠିକ୍ ଓ (R) ଭୁଲ
(4) (A) ଓ (R) ଉଭୟ ଠିକ୍

Prepp
Your Personal Exams Guide

**59.** ସ୍ଥାପନା (Assertion) :

ମୁଦ୍ରାଯନ୍ତ୍ରର ଆବର୍ତ୍ତମାନରେ ଶ୍ରୁତିଥିଲା ସାହିତ୍ୟର ଏକମାତ୍ର ଧାରକ ଓ ବାହକ । ପ୍ରତିଲିପିକାରମାନେ ଅବଶ୍ୟ ବିଭିନ୍ନ ସାହିତ୍ୟ କୃତିର ପ୍ରଚାର ଓ ପ୍ରସାରରେ ସହାୟକ ହୋଇଥିଲେ ମାତ୍ର ଉଦ୍ୟମର ପରିସର ଏଥିରେ ଯେପରି ସୀମିତ ଥିଲା, ପ୍ରସାରର ବ୍ୟାପ୍ତି ମଧ୍ୟ ସେହିପରି ସଙ୍କୁଚିତ ଥିଲା ।

ଯୁକ୍ତି (Reason) :

ଉପଯୁକ୍ତ ଉଦ୍ୟମର ଅଭାବ ହେତୁ ପ୍ରତିଲିପିକାରଗଣ ଥିଲେମଧ୍ୟ ସାହିତ୍ୟ ଯଥେଷ୍ଟଭାବେ ପ୍ରସାରିତ ହୋଇ ପାରୁନଥିଲା ।

(1) (A) ଠିକ୍ ଓ (R) ଭୁଲ
(2) (A) ଭୁଲ ଓ (R) ଠିକ୍
(3) (A) ଓ (R) ଉଭୟ ଭୁଲ
(4) (A) ଓ (R) ଉଭୟ ଠିକ୍

**60.** ସ୍ଥାପନା (Assertion) :

ସାହିତ୍ୟ କଣ ଦର୍ଶନ, ନୀତି କାବ୍ୟ, ବୈଜ୍ଞାନିକ କାବ୍ୟ ଇତ୍ୟାଦି ଲେଖେ ?

ଯୁକ୍ତି (Reason) :

ବହୁ ଭାବର ସମାହାରରେ ସାହିତ୍ୟର ସୃଷ୍ଟି । ପ୍ରତି ଭାବର ପ୍ରାଧାନ୍ୟ ଓ ଗୁରୁତ୍ୱ ସ୍ୱତନ୍ତ୍ର ଧାରାର ସୃଷ୍ଟି କରିଥାଏ । ସାହିତ୍ୟ ସବୁକୁ କୁକ୍ଷିଗତ କରିଥାଏ ।

(1) (A) ଠିକ୍ ଓ (R) ଭୁଲ
(2) (A) ଓ (R) ଉଭୟ ଠିକ୍
(3) (A) ଭୁଲ ଓ (R) ଠିକ୍
(4) (A) ଓ (R) ଉଭୟ ଭୁଲ

**61.** ସ୍ଥାପନା (Assertion) :

କାବ୍ୟକୁ ସଂସ୍କୃତ ଭାଷାର ଆଳଙ୍କାରିକମାନେ ଚତୁର୍ବର୍ଗଫଳଦାୟୀ ବୋଲି ଉଲ୍ଲେଖ କରିଅଛନ୍ତି ।

ଯୁକ୍ତି (Reason) :

କାବ୍ୟ ବ୍ୟତୀତ ଅନ୍ୟକେହି ଏସବୁ ପ୍ରଦାନ କିରବାରେ ଥିଲେ ଅକ୍ଷମ, ତେଣୁ କାବ୍ୟର ଏହି ମାନ୍ୟତା ସ୍ୱୀକୃତ ହୋଇଥିଲା ।

(1) (A) ଭୁଲ ଓ (R) ଠିକ୍
(2) (A) ଓ (R) ଉଭୟ ଠିକ୍
(3) (A) ଠିକ୍ ଓ (R) ଭୁଲ
(4) (A) ଓ (R) ଉଭୟ ଭୁଲ

**62.** ସ୍ଥାପନା (Assertion) :

ଭୁଲ କିମ୍ବା ଭଲ ଏହି ଧାରଣା ତେଣୁ ଗୋଟିଏ ଦୃଷ୍ଟିକୋଣ ବୋଲି ମନେହୁଏ । ପ୍ରତ୍ୟେକ ଦେଶର ଓ ପ୍ରତ୍ୟେକ ଜାତିର ଭୁଲ ଓ ଭଲ ସମ୍ବନ୍ଧରେ ନିଜନିଜ ସଂଜ୍ଞା ତଥା ନିୟମ କାନୁନ ରହିଥାଏ ।

ଯୁକ୍ତି (Reason) :

ମଣିଷର ପ୍ରତିଟି ଧାରଣାରେ ତାର ଜାତୀୟ ଦୃଷ୍ଟିକୋଣ ପ୍ରତିଫଳିତ ହୋଇଥାଏ ।

(1) (A) ଓ (R) ଉଭୟ ଠିକ୍
(2) (A) ଠିକ୍ ଓ (R) ଭୁଲ
(3) (A) ଭୁଲ ଓ (R) ଠିକ୍
(4) (A) ଓ (R) ଉଭୟ ଭୁଲ

Prepp
Your Personal Exams Guide

**63.** ସ୍ଥାପନା (Assertion) :

ମଧ୍ୟଯୁଗର ଓଡ଼ିଆ କବିମାନେ ଯେପରି ନିଜର ପରିଚିତି, ବଂଶାବଳୀ ଓ ଜନ୍ମସ୍ଥାନ ପ୍ରଭୃତି ନିଜନିଜ ରଚନାରେ ଲିପିବଦ୍ଧ କରିଯାଇଛନ୍ତି, ସାରଳା ଦାସ ତାଙ୍କର ବିପୁଳ ସାହିତ୍ୟରେ କୁତ୍ରାପି ସେପରି କରିନାହାନ୍ତି ।

ଯୁକ୍ତି (Reason) :

ସାରଳାଙ୍କ ସମୟ ଓ ମଧ୍ୟଯୁଗୀୟ ସମୟର ସାହିତ୍ୟିକ-ଶିଳ୍ପଗତ ଭିନ୍ନତା ଏହାର କାରଣ ।

(1) (A) ଓ (R) ଉଭୟ ଭୁଲ
(2) (A) ଭୁଲ ଓ (R) ଠିକ୍
(3) (A) ଓ (R) ଉଭୟ ଠିକ୍
(4) (A) ଠିକ୍ ଓ (R) ଭୁଲ

**64.** 'କ' ସ୍ତମ୍ଭର ରଚନା ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ଲେଖକଙ୍କ ସମ୍ପର୍କ ନିରୂପଣ କର ।

| 'କ' ସ୍ତମ୍ଭ | | 'ଖ' ସ୍ତମ୍ଭ | |
|---|---|---|---|
| I. | ବିବର୍ତ୍ତନ ବାଦ | A. | ଗୋକୁଳାନନ୍ଦ ମହାପାତ୍ର |
| II. | ମହାଶୂନ୍ୟରେ ମଣିଷ | B. | ଶରତଚନ୍ଦ୍ର ମିଶ୍ର |
| III. | ଅଣୁ ପରମାଣୁ | C. | ରତ୍ନାକର ପତି |
| IV. | ବିଶ୍ୱ ବ୍ରହ୍ମାଣ୍ଡ | D. | କୁଳମଣି ସାମଲ |

ସୂତ୍ର (Code) :

| | I | II | III | IV |
|---|---|---|---|---|
| (1) | A | C | B | D |
| (2) | C | D | A | B |
| (3) | A | C | D | B |
| (4) | B | D | C | A |

**65.** 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| 'କ' ସ୍ତମ୍ଭ | | 'ଖ' ସ୍ତମ୍ଭ | |
|---|---|---|---|
| I. | ଗୋପୀ ଭାଷା | A. | ଲୋକନାଥ ବିଦ୍ୟାଧର |
| II. | ମୟୂର ଚନ୍ଦ୍ରିକା | B. | ଦ୍ୱାରିକା ଦାସ |
| III. | ନୀଳାଦ୍ରି ମହୋତ୍ସବ | C. | ଦନେଇ ଦାସ |
| IV. | ଛତିଶ ଗୁପ୍ତଗୀତା | D. | ବାଳକ ଶ୍ରୀହରି ଦାସ |

ସୂତ୍ର (Code) :

| | I | II | III | IV |
|---|---|---|---|---|
| (1) | C | D | A | B |
| (2) | D | B | C | A |
| (3) | A | C | B | D |
| (4) | B | A | D | C |

**66.** 'କ' ସ୍ତମ୍ଭର ପାଦଗୁଡ଼ିକ ସହ 'ଖ' ସ୍ତମ୍ଭର ଉପଯୁକ୍ତ କବିଙ୍କୁ ନିର୍ଦ୍ଦିଷ୍ଟ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| I. | ମୁଁ ନୁହେଁ ଧୂପର ହିରୋ ଗାର୍ଲସ୍କୁଲ, ଚୁମ୍ବନ ବା ଚମ୍ପୂର ନାୟକ | A. | ରମାକାନ୍ତ ରଥ |
| II. | ତୁମେ କହିଥିଲ ଆସିବ ସଭିଏଁ ଶୋଇଲେ | B. | ମାୟାଧର ମାନସିଂହ |
| III. | ମୂର୍ଖ କିଏ ଖୋଜିବସ ସମୁଦାୟ ଗୋଷ୍ଠୀପାଇଁ ଗୋଟିଏ ପ୍ରତିକ | C. | ବିନୋଦଚନ୍ଦ୍ର ନାୟକ |
| IV. | ଘରଛାଡ଼ି ଆଜି ପରପାଶେ ଠିଆ ତରୁଣୀ | D. | ଗୁରୁପ୍ରସାଦ ମହାନ୍ତି |

ସୂତ୍ର (Code) :

| | I | II | III | IV |
|---|---|---|---|---|
| (1) | A | D | B | C |
| (2) | C | B | A | D |
| (3) | D | C | A | B |
| (4) | B | A | D | C |

**67.** 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| I. | ବୁଢ | A. | ଗୋପାଳ ଛୋଟରାୟ |
| II. | କିଛିନାହିଁ ସେଥିରେ | B. | ବିଜୟ ମିଶ୍ର |
| III. | ସମୁଦ୍ର ମନ୍ଥନ | C. | ପ୍ରାଣବନ୍ଧୁ କର |
| IV. | ଭାଲୁ ଉପଦ୍ରବ | D. | ରମେଶ ପାଣିଗ୍ରାହୀ |

ସୂତ୍ର (Code) :

| | I | II | III | IV |
|---|---|---|---|---|
| (1) | D | C | A | B |
| (2) | A | C | B | D |
| (3) | C | B | A | D |
| (4) | B | A | D | C |

**68.** 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| I. | ନାଁ ଦିଆ | A. | ଭାଷିକ କୌତୁକ |
| II. | ରୂଢ଼ି | B. | ନୀତି |
| III. | ପ୍ରବଚନ | C. | ଅଦ୍ଭୁତ ସ୍ଥିତି |
| IV. | ରସନାରଙ୍ଗ (tonguetwister) | D. | ବିଶେଷ ଅର୍ଥ |

ସୂତ୍ର (Code) :

| | I | II | III | IV |
|---|---|---|---|---|
| (1) | A | C | B | D |
| (2) | D | C | A | B |
| (3) | B | A | D | C |
| (4) | C | D | B | A |

**69.** ‘କ’ ସ୍ତମ୍ଭର ଉପନ୍ୟାସ ଗୁଡ଼ିକ ସହିତ ‘ଖ’ ସ୍ତମ୍ଭର ଉପଯୁକ୍ତ ଚରିତ୍ରମାନଙ୍କୁ ନିର୍ଦ୍ଦିଷ୍ଟ କର ।

| | **‘କ’ ସ୍ତମ୍ଭ** | | **‘ଖ’ ସ୍ତମ୍ଭ** |
|---|---|---|---|
| I. | ଅନଳନଳ | A. | ସୁନ୍ଦରୀ |
| II. | ଆମାବାସ୍ୟାର ଚନ୍ଦ୍ର | B. | ମନୀଷା |
| III. | ହା ଅନ୍ନ | C. | ଉମା |
| IV. | ନୀଳଶୈଳ | D. | ସରଦେଈ |

ସୂତ୍ର (Code) :

| | I | II | III | IV |
|---|---|---|---|---|
| (1) | B | A | C | D |
| (2) | A | B | C | D |
| (3) | C | D | B | A |
| (4) | B | A | D | C |

**70.** ‘କ’ ସ୍ତମ୍ଭର ପତ୍ରିକାଗୁଡ଼ିକ ସହ ‘ଖ’ ସ୍ତମ୍ଭର ଉପଯୁକ୍ତ ସଂପାଦକଙ୍କୁ ନିର୍ଦ୍ଦିଷ୍ଟ କର ।

| | **‘କ’ ସ୍ତମ୍ଭ** | | **‘ଖ’ ସ୍ତମ୍ଭ** |
|---|---|---|---|
| I. | ପ୍ରଭାତ | A. | ମହେଶ୍ୱର ମହାନ୍ତି |
| II. | ସଂସାର | B. | ରାମକୃଷ୍ଣ ନନ୍ଦ |
| III. | ମନପବନ | C. | ପ୍ରସନ୍ନ ମିଶ୍ର |
| IV. | ଶିଶୁଲେଖା | D. | ରେବା ରାୟ |

ସୂତ୍ର (Code) :

| | I | II | III | IV |
|---|---|---|---|---|
| (1) | D | B | A | C |
| (2) | A | B | D | C |
| (3) | C | D | B | A |
| (4) | B | A | C | D |

**71.** ‘କ’ ସ୍ତମ୍ଭର ଗ୍ରନ୍ଥଗୁଡ଼ିକର ଉପଯୁକ୍ତ ଲେଖକମାନଙ୍କୁ ‘ଖ’ ସ୍ତମ୍ଭରେ ନିର୍ଦ୍ଦିଷ୍ଟ କର ।

| | **‘କ’ ସ୍ତମ୍ଭ** | | **‘ଖ’ ସ୍ତମ୍ଭ** |
|---|---|---|---|
| I. | ଦେହ ଦଶବିଶା | A. | ପ୍ରତିଭା ଶତପଥୀ |
| II. | ଚଂଡାଳ | B. | ବାସୁଦେବ ସୁନାନୀ |
| III. | ଅସ୍ପୃଶ୍ୟ | C. | ଆଶୁତୋଷ ପରିଡ଼ା |
| IV. | ଶବରୀ | D. | ପୀତାମ୍ବର ତରାଇ |

ସୂତ୍ର (Code) :

| | I | II | III | IV |
|---|---|---|---|---|
| (1) | C | B | D | A |
| (2) | A | D | C | B |
| (3) | B | C | D | A |
| (4) | D | C | B | A |

Prepp
Your Personal Exams Guide

ନିମ୍ନ ଅନୁଚ୍ଛେଦଟି ପଢ଼ି ପରବର୍ତ୍ତୀ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

କଳା ସୃଷ୍ଟିର ଲକ୍ଷ୍ୟ, ମନୁଷ୍ୟର ଦୃଷ୍ଟି ଇନ୍ଦ୍ରିୟଗୁଡ଼ିକୁ ଆୟତ୍ତାଧୀନ କରି ସେମାନଙ୍କୁ ଉଚିତ ପଥର ନିର୍ଦ୍ଦେଶ ଦେବା-ଇନ୍ଦ୍ରିୟ ସକଳକୁ ଉତ୍ତେଜିତ କରିବା ନୁହେଁ; ଅର୍ଥାତ୍ ପ୍ରକୃତିର ନିର୍ଦ୍ଦେଶକୁ ମାନି ଚଳିବା କଳାର ପରମ କର୍ତ୍ତବ୍ୟ ହେବା ଉଚିତ । କେହି କେହି କହିପାରନ୍ତି, ମନୁଷ୍ୟ ଯଥେଷ୍ଟ କାମୋପଭୋଗ କରିବାକୁ ଚାହେଁ । ଯା'ର ଏପରି ବଳିଷ୍ଠଇଚ୍ଛା ହେଉଛି, ଏହାକୁ ପ୍ରକୃତିର ଇଚ୍ଛା ବୋଲି କାହିଁକି ଧରା ନଯିବ ? ଆଉ କଳା ଏଥିପାଇଁ କାହିଁକି ସାହାଯ୍ୟ କରିବ ? ଏହାର ଉତ୍ତର ଏହି ଯେ, ଏହା ଯଦି ବାସ୍ତବିକ ପ୍ରକୃତିର ଉଦ୍ଦେଶ୍ୟ ହୋଇଥାନ୍ତା, ତେବେ ଯଥେଷ୍ଟ କାମୋପଭୋଗ ଫଳରେ ଶରୀରର ମନର ମଙ୍ଗଳ ହୁଅନ୍ତା; କିନ୍ତୁ ଅତି ଇନ୍ଦ୍ରିୟ-ଭୋଗ ଫଳରେ ମନୁଷ୍ୟ ରୁଗ୍‌ଣ ଦୁର୍ବଳ ହୋଇପଡ଼େ କାହିଁକି ? କାରଣ ପ୍ରକୃତି ଚାହେଁନା ଯେ ତାର ଇଚ୍ଛାର ବିରୁଦ୍ଧରେ ତାକୁ ବଳତ୍କାର କରାଯାଉ । ତେଣୁ ସେ ବାଧା ଦିଏ-କଠିନ ବାଧା । ପ୍ରକୃତିର ଏ ବାଧା ବା ଧକ୍‌କା ହିଁ ରୋଗ, ଅସୁସ୍ଥତା, ଦୁର୍ବଳତା, ତେବେ ଏସବୁ ଚାହେଁ କିଏ ? ଯେ ଚାହେଁ ସେ ପ୍ରକୃତି ନୁହେଁ, ସେ ମନ । ଏ ମନ ଯେତେବେଳେ ବୁଦ୍ଧି ବା ମେଧାର ସାହାଯ୍ୟରେ ମାର୍ଜିତ ହୁଏ, ସେତେବେଳେ ସେ ଶାନ୍ତ ହୁଏ । ଏ ବୁଦ୍ଧିକୁ ମାର୍ଜିତ କରେ କିଏ ? ଯେ କରେ, ସେ କଳା ।

**72.** କଳା କେଉଁ ଉଦ୍ଦେଶ୍ୟରେ ସୃଷ୍ଟି ହୁଏ ?

(1) ମାନସିକ ଉତ୍ତେଜନା ସୃଷ୍ଟି ପାଇଁ ।

(2) ପ୍ରକୃତିର ନିର୍ଦ୍ଦେଶ ଅବମାନନା ପାଇଁ ।

(3) ଇନ୍ଦ୍ରିୟଗୁଡ଼ିକୁ ଉଚିତ ମାର୍ଗ ପ୍ରଦର୍ଶନ ପାଇଁ ।

(4) ଦର୍ଶନେନ୍ଦ୍ରିୟର ନିୟନ୍ତ୍ରଣ ପାଇଁ ।

**73.** ପ୍ରକୃତିର 'ପ୍ରକୃତ' ଉଦ୍ଦେଶ୍ୟ କ'ଣ ?

(1) ମନୁଷ୍ୟ ମଧ୍ୟରେ କାମ ଭାବର ଜାଗରଣ

(2) ଶରୀର ଓ ମନର ମଙ୍ଗଳ ସାଧନ

(3) ବିଶ୍ୱବ୍ରହ୍ମାଣ୍ଡରେ ସ୍ୱାଭାବିକତା ଆନୟନ

(4) ଇନ୍ଦ୍ରିୟଭୋଗକୁ ବିରୋଧ

**74.** ପ୍ରକୃତିର ବାଧା କେଉଁ ରୂପରେ ଆସେ ?

(1) ବନ୍ୟା (2) ଯୁଦ୍ଧ

(3) ମଡ଼କ (4) ବ୍ୟାଧି

**75.** ମନକୁ କିଏ ମାର୍ଜିତ କରେ ?

(1) ପ୍ରକୃତି (2) କଳା

(3) ମେଧା (4) ଧ୍ୟାନ